ସମସ୍ତ ଆବଶ୍ୟକ ଦଲିଲପତ୍ର ଯୋଗାଇ ଦିଆଯିବ। ଏହା ଏକ ସମ୍ବେଦନଶୀଳ ଓ ଆଇନଗତ ପ୍ରସଙ୍ଗ ହୋଇଥିବାରୁ ଏହାର ସମାଧାନ ପାଇଁ ଆଇନଗତ ତଥ୍ୟ, ଐତିହାସିକ ଦଲିଲ, ଜନଗଣନା ତଥ୍ୟ ଓ ପ୍ରଶାସନିକ ରେକର୍ଡ ଆଧାରରେ ସମନ୍ୱିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆନ୍ଧ୍ରପ୍ରଦେଶ ସରକାର କୋଟିଆ ଅଞ୍ଚଳର ଲୋକଙ୍କୁ ବେଆଇନ ଭାବେ ଅତିରିକ୍ତ ଆଧାରକାର୍ଡ ଓ ଭୋଟର ପରିଚୟପତ୍ର ପ୍ରଦାନ କରି ନିର୍ବାଚନରେ ତାହାର ବ୍ୟବହାର ମାଧ୍ୟମରେ ନିଜ ଦାବିକୁ ମଜଭୁତ କରିବାକୁ ଚକ୍ରାନ୍ତ କରୁଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ନିର୍ବାଚନରେ ଏଭଳି ଉଦ୍ୟମକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି।

ବିବାଦର ଶୀଘ୍ର, ସ୍ଥାୟୀ ଓ ସାମ୍ବିଧାନିକ ସମାଧାନ ପାଇଁ ଆଇନଗତ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ସହ କୋଟିଆ ଅଞ୍ଚଳର ଲୋକଙ୍କ ନିକଟରେ ସରକାରୀ ସେବା, ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ମୌଳିକ ସୁବିଧା ନିରବଚ୍ଛିନ୍ନ ଭାବେ ପହଞ୍ଚାଇବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସାମ୍ପ୍ରତିକ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଅଞ୍ଚଳର ସମସ୍ୟାର ସମାଧାନ କରିବା ପାଇଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚସ୍ତରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ଏକ ଅନୁକୂଳ ବାତାବରଣ ତିଆରି କରି ସମାଧାନର ସ୍ଥାୟୀ ବାଟ କାଢ଼ିବା ଆବଶ୍ୟକ। ଓଡ଼ିଶାର ଏକତା, ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଟାକ୍ଷ କରିଛନ୍ତି, କୋଟିଆ ପ୍ରସଙ୍ଗରେ ବିରୋଧୀ ଦଳର ନେତା ଲେଖିଥିବା ଚିଠିର ଦସ୍ତଖତ ତାଙ୍କର ନା ଅନ୍ୟ କାହାର, ତାହା ସନ୍ଦେହଜନକ। କୋଟିଆବାସୀଙ୍କ ସ୍ୱାର୍ଥ ପାଇଁ ଯଦି ପ୍ରକୃତରେ ବିରୋଧୀ ନେତାମାନେ ଚିନ୍ତିତ ତେବେ ଏହି ପ୍ରସଙ୍ଗରେ ସରକାରଙ୍କ ସହ ମିଶି ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଅପରପକ୍ଷରେ ରାଜନୈତିକ ବିଚାରଧାରା ଅଲଗା ସତ୍ତ୍ୱେ କୋଟିଆ ପାଇଁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ନେତା ଏକାଠି ହୋଇଛନ୍ତି। ଏଥି ନିମନ୍ତେ ପଟାଙ୍ଗି ବ୍ଲକ ସଭାଗୃହରେ ସର୍ବଦଳୀୟ ନେତା ଓ ସମସ୍ତ ସରକାରୀ ପଦାଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସାଂସଦଙ୍କ ପ୍ରତିନିଧି ଶୁକ୍ରା ଖରା, ବିଜେପି ବ୍ଲକ ସଭାପତି ନରସିଂହ ବାଙ୍କା, କଂଗ୍ରେସ ବ୍ଲକ ସଭାପତି ଅର୍ଜୁନ ବାଙ୍କା, ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ, କୋଟିଆର ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ସୌରଭ ଦାସ, ଜିଲ୍ଲାପରିଷଦ ସଦସ୍ୟ ଲଇଛନ ଖରା, ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଶ୍ରୀ କାଡ଼ାମ କହିଥିଲେ, ଓଡ଼ିଶାର ଭୂସମ୍ପତ୍ତି ଏବଂ ଖଣିଜ ସମ୍ପଦ ଉପରେ ଆନ୍ଧ୍ର ସରକାର ଲୋଲୁପ ଦୃଷ୍ଟି ରଖି ସୀମାନ୍ତ ଅଞ୍ଚଳରେ ବେଆଇନ ନିର୍ବାଚନ କରିବାକୁ ଅପଚେଷ୍ଟା କରୁଛି। ଦଳମତ ନିର୍ବିଶେଷରେ ସର୍ବଦଳୀୟ ନେତୃବୃନ୍ଦ ଏକଜୁଟ ହୋଇ ଆନ୍ଧ୍ରର ଏହି ଚକ୍ରାନ୍ତକୁ ସମ୍ପୂର୍ଣ୍ଣ ଭଣ୍ଡୁର କରିବାକୁ ସେ ଆହ୍ୱାନ ଦେଇଥିଲେ। ନିର୍ବାଚନ ରୋକିବା ପାଇଁ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦିଆଯାଇଥିବା ବେଳେ ଉପସ୍ଥିତ ସରକାରୀ ଅଧିକାରୀ ଓ ଦଳୀୟ ନେତାମାନେ ଏଥିରେ ସମ୍ପୂର୍ଣ୍ଣ ସହମତି ପ୍ରକାଶ କରିଛନ୍ତି। ଗାଁ ଗାଁରେ ସମସ୍ତ ବିଭାଗୀୟ ଅଧିକାରୀ ବୁଲି ବିଭିନ୍ନ ଶିବିର ମାଧ୍ୟମରେ ଲୋକଙ୍କୁ ସଚେତନ କରିବେ। ସେହିପରି କୋଟିଆ ରାଜସ୍ୱ ନିରୀକ୍ଷକଙ୍କୁ ଡେପୁଟେସନ୍‌ରେ ଅନ୍ୟତ୍ର ଅବସ୍ଥାପିତ କରାଯିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା।

କରିଛି। ସେଠାରୁ ଭାରତର କିଛି ଗରିବ ଲୋକଙ୍କୁ ଟାର୍ଗେଟ କରି ସାଇବର ଅପରାଧରୁ ମିଳୁଥିବା ଅର୍ଥକୁ ସାଧାରଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିବା ସହ ବଦଳରେ ସେମାନଙ୍କୁ କିଛି କମିସନ ଦେଇ ବିପୁଳ ଅର୍ଥରାଶି ହଡ଼ପ କରୁଥିଲେ। ତିନିଜଣ ଅଭିଯୁକ୍ତଙ୍କ ବିରୋଧରେ ବେଙ୍ଗାଲୁରୁ ସମେତ ଭାରତର ବିଭିନ୍ନ ରାଜ୍ୟରେ ମାମଲା ରହିଛି।ଅଭିଯୁକ୍ତମାନେ ଜେନାପୁରର ଏହି ଦମ୍ପତିଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ବେଆଇନ କାରବାର ପାଇଁ ବ୍ୟବହାର କରୁଥିଲେ। ଚୀନରେ ଥିବା ମାଷ୍ଟରମାଇଣ୍ଡଙ୍କ ନିର୍ଦ୍ଦେଶରେ ଭାରତର ବିଭିନ୍ନ ସ୍ଥାନରେ ଏଭଳି ନକଲି ବା 'ମ୍ୟୁଲ୍ ଆକାଉଣ୍ଟ' ଖୋଲାଯାଇ କୋଟିକୋଟି ଟଙ୍କା କାରବାର କରାଯାଉଥିଲା। ଗିରଫ ଅଭିଯୁକ୍ତମାନଙ୍କଠାରୁ ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସାମ୍ବାଦିକ ସଙ୍ଗିଳନୀରେ ବାଲେଶ୍ୱର ସାଇବର୍ ଥାନା ଅଧିକାରୀ ମୀନା ବିନ୍ଧାଣୀ ଉପସ୍ଥିତ ଥିଲେ।

ଭାଲୁକାହୁଡ଼ିରେ...

ଡିଏମ୍‌ଏଫ୍ ପାଣ୍ଠିରୁ ଡାଏଲିସିସ୍ ସୁବିଧା ଉପଲବ୍ଧ ହୋଇଛି, ତାହାମାତ୍ର ୫ ଶଯ୍ୟାବିଶିଷ୍ଟ। ଏଠାରେ ଦୈନିକ ୮ରୁ ୧୦ ଜଣଙ୍କୁ ଡାଏଲିସିସ କରାଯାଇପାରିବ। ଯାହାକି ସ୍ଥାନୀୟ ଅଞ୍ଚଳରେ ରୋଗୀସଂଖ୍ୟା ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ। ଫଳରେ ଗୁରୁତର ରୋଗୀ ଚିକିତ୍ସା ପାଇଁ କଟକ ନ ହେଲେ ଭୁବନେଶ୍ୱର ଯାଉଛନ୍ତି। ଯାତାୟାତ ଓ ଚିକିତ୍ସା ଖର୍ଚ୍ଚ ଗରିବ ପରିବାରଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦି ଦେଉଛି ବୋଲି ଜଣେ ରୋଗୀ ଅଭିଯୋଗ କରିଛନ୍ତି। ଗାଁରେ ରୋଗର ସ୍ଥିତି ଅନୁଧ୍ୟାନ ପାଇଁ ବର୍ଷେ ପୂର୍ବରୁ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରିବେଶ ସୁରକ୍ଷା ବିଭାଗ, କୃଷି ବିଭାଗ, ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଏବଂ ଖାଦ୍ୟ ନିରାପତ୍ତା ବିଭାଗର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରୁ ୧୨୦ ଜଣଙ୍କ ରକ୍ତ ଓ ମୂତ୍ର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୩୦ ଜଣଙ୍କଠାରେ କିଡନି ରୋଗ ଚିହ୍ନଟ ମଧ୍ୟ ହୋଇଥିଲା। ଏହାପୂର୍ବରୁ ୮୯ ଜଣଙ୍କ ରକ୍ତ ନମୁନା ପରୀକ୍ଷାରୁ ୪୫ ଜଣଙ୍କଠାରେ ଏହି ରୋଗ ଚିହ୍ନଟ ହୋଇଥିଲା। ଏବେ କିନ୍ତୁ ଗାଁରେ ରୋଗୀସଂଖ୍ୟା ୧୫୦ ଡେଇଁଲାଣି।

ଅନ୍ୟପକ୍ଷରେ ଗାଁରେ କିଡନି ରୋଗ ବୃଦ୍ଧି ପଛରେ ପାନୀୟଜଳର ଗୁଣବତ୍ତାକୁ ସମ୍ଭାବ୍ୟ କାରଣ ଭାବେ ଦେଖାଯାଉଛି। ଭୂତଳ ଜଳରେ ମାତ୍ରାଧିକ ଲୌହ ଅଂଶ ରହିଥିବା ନେଇ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଥିବାବେଳେ ଜଳ ପ୍ରଦୂଷଣ ଓ କିଡନି ରୋଗ ମଧ୍ୟରେ ସମ୍ପର୍କ ସ୍ପଷ୍ଟ କରିବା ପାଇଁ ଏହା ଉପରେ ଅଧିକ ପରୀକ୍ଷାନିରୀକ୍ଷା କରାଯିବା ଜରୁରୀ ଥିଲା। ଯାହା ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ତଥା ପ୍ରଶାସନ ପକ୍ଷରୁ କରାଗଲା ନାହିଁ। କେବଳ ଗ୍ରାମରେ ଖରାପ ପାଣି ବାହାରୁଥିବା କିଛି ନଳକୂପକୁ ବନ୍ଦ କରାଯାଇଛି। ବିଶୁଦ୍ଧ ପାନୀୟଜଳ ଲାଗି ଗୋଟିଏ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ସରପଞ୍ଚ ରଞ୍ଜନ କୁମାର ଦାସ କହିଛନ୍ତି। ଭାଲୁକାହୁଡ଼ିର ଏହି ଉଦ୍‌ବେଗଜନକ ସ୍ଥିତି ସୁରକ୍ଷିତ ପାନୀୟଜଳ ଯୋଗାଣ ଓ ଗ୍ରାମୀଣ ସ୍ୱାସ୍ଥ୍ୟସେବାର ଦୁର୍ବଳତାକୁ ସାମନାକୁ ଆଣିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଜମ୍ମୁକାଶ୍ମୀରରେ ସିଆରପିଏଫ୍ ସବ୍‌ଇନ୍ସପେକ୍ଟର ସହିଦ

ବିଶ୍ରା,୨୧/୧୦(ଇମିସ): ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍ ବରଟୋଲି ଗ୍ରାମର ବାସିନ୍ଦା ତଥା ସିଆରପିଏଫ୍‌ର ସବ୍‌ଇନ୍ସପେକ୍ଟର ପ୍ରବୀର କୁମାର ଆଚାର୍ଯ୍ୟ ଜମ୍ମୁକାଶ୍ମୀରରେ କର୍ତ୍ତବ୍ୟରତ ଅବସ୍ଥାରେ ସହିଦ ହୋଇଛନ୍ତି। ଗତ ୧୯ ଅକ୍ଟୋବରରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ବରଟୋଲିରେ ପହଞ୍ଚିବା ପରେ ପରିବାର ସଦସ୍ୟ, ସହକର୍ମୀ ଓ ସ୍ଥାନୀୟ ଲୋକେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରବୀର ଜମ୍ମୁକାଶ୍ମୀରରେ ସିଆରପିଏଫ୍‌ର ୧୭୫ତମ ବାଟାଲିୟନରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। କର୍ତ୍ତବ୍ୟ ସମ୍ପାଦନ ସମୟରେ ତାଙ୍କର ମୃତ୍ୟୁ ହେବା ପରେ ବୁଧବାର ତାଙ୍କ ପାର୍ଥିବ ଶରୀରକୁ ସଡ଼କ ପଥରେ ନିଜ ପୈତୃକ ଗ୍ରାମ ବରଟୋଲିକୁ ଅଣାଯାଇଥିଲା। ସିଆରପିଏଫ୍ ରାଉରକେଲାର ଅଧିକାରୀ ଓ ତାଙ୍କ ସହକର୍ମୀମାନେ ସହିଦ ପ୍ରବୀରଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଶେଷକୃତ୍ୟ ପାଇଁ ବେଦବ୍ୟାସ ନିଆଯାଇଥିଲା। ସହିଦ ପ୍ରବୀର ତାଙ୍କ ପଛରେ ପତ୍ନୀ, ଦୁଇ ଝିଅ ଓ ପୁଅଙ୍କୁ ଛାଡ଼ି ଯାଇଛନ୍ତି।

ବ୍ୟାଙ୍କ ଅଫ୍ ବରୋଦା | କ୍ଷେତ୍ରୀୟ ଦାପସୁପ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ସଂଶୋଧନ ପତ୍ର

ଦୈନିକ ଖବରକାଗଜ **ସମ୍ବାଦରେ** ତା.୧୭.୧୦.୨୦୨୬ରେ ପ୍ରକାଶିତ ଆମର ଇ-ନିଲାମ ବିକ୍ରୟ ବିଜ୍ଞପ୍ତିରେ **ଋଣଗ୍ରହୀତା: ମେସର୍ସ ସ୍ୱାଇଁ ଆସୋସିଏଟ୍ସ (ଭୁ.ନଂ.:୨)**ର ସମ୍ପତ୍ତି ବିବରଣୀରେ ସମ୍ପତ୍ତି-୨ର ସଂରକ୍ଷିତ ମୂଲ୍ୟ ଟ.୨୪,୪୭,୦୦୦/- ପରିବର୍ତ୍ତେ **ଟ.୨୬,୪୨,୦୦୦/-** ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ।

ସ୍ଥାନ: କଟକ
ତାରିଖ: ୨୧.୧୦.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା